**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

**Test Booklet Series**

**A**

**T. B. C. : PGT – 7/17**

# TEST BOOKLET

**Serial No.** 7057

**PART – B**

**(ODIA)**

*Time Allowed : 2 Hours*

*Maximum Marks : 100*

## : INSTRUCTIONS TO CANDIDATES :

1. IMMEDIATELY AFTER THE COMMENCEMENT OF THE EXAMINATION, YOU SHOULD CHECK THAT THIS TEST BOOKLET **DOES NOT** HAVE ANY UNPRINTED OR TORN OR MISSING PAGES OR ITEMS ETC. IF SO, GET IT REPLACED BY A COMPLETE TEST BOOKLET OF THE SAME SERIES ISSUED TO YOU.
2. ENCODE CLEARLY THE TEST BOOKLET SERIES **A, B, C** OR **D**, AS THE CASE MAY BE, IN THE APPROPRIATE PLACE IN THE ANSWER SHEET USING BALL POINT PEN (BLUE OR BLACK).
3. You have to enter your **Roll No.** on the Test Booklet in the Box provided alongside. **DO NOT** write *anything else* on the Test Booklet.
4. **YOU ARE REQUIRED TO FILL UP & DARKEN ROLL NO., TEST BOOKLET / QUESTION BOOKLET SERIES IN THE ANSWER SHEET AS WELL AS FILL UP TEST BOOKLET / QUESTION BOOKLET SERIES AND SERIAL NO. AND ANSWER SHEET SERIAL NO. IN THE ATTENDANCE SHEET CAREFULLY. WRONGLY FILLED UP ANSWER SHEETS ARE LIABLE FOR REJECTION AT THE RISK OF THE CANDIDATE.**
5. This Test Booklet contains **100** items (questions). Each item (question) comprises four responses (answers). You have to select the correct response (answer) which you want to mark (darken) on the Answer Sheet. In case, you feel that there is more than one correct response (answer), you should mark (darken) the response (answer) which you consider the best. In any case, choose **ONLY ONE** response (answer) for each item (question).
6. You have to mark (darken) all your responses (answers) **ONLY** on the **separate Answer Sheet** provided by **using BALL POINT PEN (BLUE OR BLACK)**. See instructions in the Answer Sheet.
7. All items (questions) carry equal marks. All items (questions) are compulsory. Your total marks will depend only on the number of correct responses (answers) marked by you in the Answer Sheet. **There will be no negative markings for wrong answers.**
8. Before you proceed to mark (darken) in the Answer Sheet the responses to various items (questions) in the Test Booklet, you have to fill in some particulars in the Answer Sheet as per the instructions sent to you with your **Admission Certificate**.
9. After you have completed filling in all your responses (answers) on the Answer Sheet and after conclusion of the examination, you should hand over to the Invigilator the *Answer Sheet* issued to you. You are allowed to take with you the candidate's copy / second page of the Answer Sheet along with the **Test Booklet**, after completion of the examination, for your reference.
10. Sheets for rough work are appended in the Test Booklet at the end.

**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

SEAL

1. କେଉଁ ପ୍ରାକୃତରୁ ଓଡ଼ିଆ ଭାଷାର ଉତ୍ପତ୍ତି ବୋଲି ସ୍ୱୀକୃତ ?

(A) ମହାରାଷ୍ଟ୍ରୀ

(B) ମାଗଧୀ

(C) ପୈଶାଚୀ

(D) ଶୌରସେନୀ

2. 'ନିରୁକ୍ତ'ର ରଚୟିତା କିଏ ?

(A) ପାଣିନି

(B) ପତଞ୍ଜଳୀ

(C) ଯାସ୍କ

(D) ବରରୁଚି

3. ପାଲିଭାଷା ଆର୍ଯ୍ୟଭାଷାର କେଉଁ ସ୍ତରର ?

(A) ଅପଭ୍ରଂଶ

(B) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା

(C) ବୈଦିକ ଭାଷା

(D) ମଧ୍ୟଭାରତୀୟ ଆର୍ଯ୍ୟଭାଷା

4. ଅଷ୍ଟାଧ୍ୟାୟୀ ବ୍ୟାକରଣର ରଚିୟତା କିଏ ?

(A) ପତଞ୍ଜଳୀ

(B) ପାଣିନି

(C) ଚଣ୍ଡ

(D) ଜୈମିନୀ

5. ଅଶୋକଙ୍କ ଧଉଳି ଶିଳାଲେଖ କେଉଁ ଭାଷାରେ ଲିଖିତ ?

(A) ପୈଶାଚୀ

(B) ଅପଭ୍ରଂଶ

(C) ଅର୍ଦ୍ଧମାଗଧୀ

(D) ପାଲି

6. ଅର୍ଦ୍ଧମାଗଧୀ ପ୍ରାକୃତ କେଉଁ ଧର୍ମର ପବିତ୍ର ଭାଷା ?

(A) ଜୈନଧର୍ମ

(B) ବୌଦ୍ଧଧର୍ମ

(C) ଶାକ୍ତଧର୍ମ

(D) ପାଶୁପତ ଶୈବଧର୍ମ

7. ଓଡ଼ିଆ ଭାଷାର 'ଳ' ଧ୍ୱନି କେଉଁ ପ୍ରାଚୀନ ଭାଷାରେ ରହିଛି ?

(A) ସଂସ୍କୃତ

(B) ବୈଦିକ ସଂସ୍କୃତ

(C) ପୂର୍ବି ଅପଭ୍ରଂଶ

(D) ନିୟ ପ୍ରାକୃତ

8. କେଉଁ ସାହିତ୍ୟର ଭାଷାକୁ ମାନକ ଓଡ଼ିଆର ମାନ୍ୟତା ଦିଆଯାଏ ?

(A) ଜଗନ୍ନାଥ ଦାସଙ୍କ ଭାଗବତ

(B) ସାରଳା ମହାଭାରତ

(C) ଚଣ୍ଡୀପୁରାଣ

(D) ଦାଣ୍ଡୀ ରାମାୟଣ

9. ଓଡ଼ିଆ ଭାଷାରେ 'କୂଅ' କି ପ୍ରକାର ଶବ୍ଦ ?

(A) ତତ୍‌ସମ

(B) ତଦ୍‌ଭବ

(C) ଦେଶଜ

(D) ବୈଦେଶିକ

10. ନିମ୍ନଲିଖିତ ଶବ୍ଦମାନଙ୍କ ଭିତରୁ କେଉଁଟି ଦେଶଜ ?

(A) ବୋଇତ

(B) ଗରାଖ

(C) ତାଲା

(D) ଟାଙ୍ଗୁଡ଼ି

11. 'ଆଲକାତରା' ଶବ୍ଦଟି କେଉଁ ଭାଷାରୁ ଓଡ଼ିଆ ଭାଷାକୁ ଆସିଛି ?

(A) ଇଂରାଜୀ

(B) ପାର୍ଶୀ

(C) ପର୍ତ୍ତୁଗୀଜ

(D) ଆରବୀ

12. 'ତାଲା' ଶବ୍ଦଟିର ମୂଳଶବ୍ଦ କ'ଣ ?

(A) ତାଲାବ୍

(B) ତାଳ

(C) ତାଲକ

(D) ତୁଲ୍ୟ

13. ନିମ୍ନୋକ୍ତ କେଉଁ ଶବ୍ଦଟି ଦ୍ରାବିଡ଼ ଭାଷାରୁ ଆସିଛି ?

(A) ପିଲା

(B) କାନତରାଟି

(C) ଲଣ୍ଠନ

(D) ଫିତା

14. 'ଓଡ଼ିଆ ଭାଷାତତ୍ତ୍ୱ' ଗ୍ରନ୍ଥଟି କାହାଦ୍ୱାରା ରଚିତ ?

(A) ଗୋଲକ ବିହାରୀ ଧଳ

(B) ଗିରିଜା ଶଙ୍କର ରାୟ

(C) ବିନାୟକ ମିଶ୍ର

(D) ଗୋପୀନାଥ ନନ୍ଦ

15. 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥର ରଚିୟତା କିଏ ?

(A) ମାର୍କଣ୍ଡେୟ

(B) ବରରୁଚି

(C) ଚଣ୍ଡ

(D) ହେମଚନ୍ଦ୍ର

16. କିଏ ପାଲିକୁ କଳିଙ୍ଗର ଭାଷା ବୋଲି କହିଥିଲେ ?

(A) ରିଜ୍ ଡେଭିଡ

(B) ଓଲଡେନବର୍ଗ

(C) ପିଶେଲ

(D) ମାକ୍ସମୁଲର

17. କିଏ 'ଉଦ୍ଭଜା' ବିଭାଷା କଥା ଲେଖିଛନ୍ତି ?

(A) ଅଶ୍ୱଘୋଷ

(B) ଶୂଦ୍ରକ

(C) ଭରତମୁନି

(D) ବିଶାଖାଦତ୍ତ

18. ଉରକାମ୍ ଶିଳାଲେଖର ସମୟ କେତେ ?

(A) ୬୧୯ ଖ୍ରୀ.

(B) ୧୦୫୧ ଖ୍ରୀ.

(C) ୧୨୪୯ ଖ୍ରୀ.

(D) ୧୩୮୪ ଖ୍ରୀ.

19. ଭୁବନେଶ୍ୱର ଦ୍ୱୈଭାଷିକ ଶିଳାଲେଖ କେଉଁ ଦୁଇଟି ଲିପିରେ ଖୋଦିତ ?

(A) ଓଡ଼ିଆ ଓ ତାମିଲ

(B) ଓଡ଼ିଆ ଓ ଦେବନାଗରୀ

(C) ଓଡ଼ିଆ ଓ ତେଲୁଗୁ

(D) ଓଡ଼ିଆ ଓ ବ୍ରାହ୍ମୀ

20. 'କାଆ ତରୁବର ପଞ୍ଚବିଡାଳ' କେଉଁ ସିଦ୍ଧାଚାର୍ଯ୍ୟଙ୍କ ରଚନା ?

(A) ଶବରୀପା

(B) କାହ୍ନୁପା

(C) ଲୁଇପା

(D) ଢେଙ୍କିପା

21. ଡୋମ୍ବୀଚର୍ଯ୍ୟାର ଲେଖକ କିଏ ?

(A) ଭୁସୁକୁପା

(B) ଦାରିକପା

(C) ସରହପା

(D) କାହ୍ନୁପା

22. 'ଓଡ଼ିଆ ତେଲଙ୍ଗୀ ଯେ ନାଗରୀ ଦକ୍ଷିଣୀ କନାଉଜ ଆହରଣ ଗଉଡ଼ୀ ଆଟକ୍ରାୟଣୀ' ଏହା କେଉଁ ଗ୍ରନ୍ଥରେ ଲିଖିତ ?

(A) ରୁଦ୍ରସୁଧାନିଧି

(B) ସାରଳା ମହାଭାରତ

(C) ଚଣ୍ଡୀ ପୁରାଣ

(D) ଦାଣ୍ଡୀ ରାମାୟଣ

23. ଚଣ୍ଡୀ ପୁରାଣରେ ମହିଷାସୁରର ଆଜ୍ଞାପତ୍ର କାହା ଉଦ୍ଦେଶ୍ୟରେ ଲିଖିତ ?

(A) ଇନ୍ଦ୍ର

(B) ବିଷ୍ଣୁ

(C) ଚଣ୍ଡୀ

(D) ବୃହସ୍ପତି

24. 'ବୋଲଇ ଦାସ ଜଗନ୍ନାଥ । ପ୍ରାକୃତ ବନ୍ଧେ ଭାଗବତ ।' — ଏଠାରେ 'ପ୍ରାକୃତ' ଶବ୍ଦଟିର ଅର୍ଥ କ'ଣ ?

(A) ପ୍ରାକୃତ ଭାଷା

(B) ଓଡ଼ିଆ ଭାଷା

(C) ଅପଭ୍ରଂଶ ଭାଷା

(D) ସଂସ୍କୃତ ଭାଷା

25. 'ଚନ୍ଦ୍ର ଘରେ ପୂତାରେ କିଛି ନ ଛୁଇଁବୁ । ଭୟିଲେ ପୂତାରେ ଅବଶ୍ୟ ମରିବୁ । ରୋଗୀ ହେବୁ । ହାଇ ହେବ' — ଏହା କେଉଁ ଗ୍ରନ୍ଥର ଗଦ୍ୟ ରଚନା ?

(A) ତୁଳା ଭିଣା

(B) ରୁଦ୍ର ସୁଧାନିଧି

(C) ସୋମନାଥ ବ୍ରତ କଥା

(D) ମାଦଳା ପାଞ୍ଜି

26. ଆର୍ତ୍ତବଲ୍ଲଭ ମହାନ୍ତି କେଉଁ ବ୍ରତକଥାକୁ ପ୍ରାଚୀନତମ ବୋଲି କହିଛନ୍ତି ?

(A) ଅନନ୍ତ ବ୍ରତକଥା

(B) ସୋମନାଥ ବ୍ରତକଥା

(C) କୁକ୍କୁଟୀ ବ୍ରତକଥା

(D) ରାଈଦାମୋଦର ବ୍ରତକଥା

27. 'ଦେବ କହି ଭଗତି କରୁଣ, ଅଛନ୍ତି ଭୋ କୁମାରସେଣ' — ଏହା କେଉଁ ଶିଳାଲେଖର ଭାଷା ?

(A) ଗଣ୍ଡିବେଢ଼ ଶିଳାଲେଖ

(B) କୋଣାର୍କ ଶିଳାଲେଖ

(C) ନୃସିଂହନାଥ ଶିଳାଲେଖ

(D) ଜୟ ବିଜୟ ଶିଳାଲେଖ

28. 'ଶିଶୁବେଦ' କେଉଁ ଧର୍ମର ରଚନା ?

(A) ବୌଦ୍ଧଧର୍ମ

(B) ଶାକ୍ତଧର୍ମ

(C) ନାଥଧର୍ମ

(D) ବୈଷ୍ଣବଧର୍ମ

29. 'ଶିଶୁବୁଦ୍ଧି ମୋହର ବୟସ ଅଛଟି' — ଏ କଥା କେଉଁ କବି କହିଛନ୍ତି ?

(A) ବତ୍ସା ଦାସ

(B) ମାର୍କଣ୍ଡ ଦାସ

(C) ବଳରାମ ଦାସ

(D) ସାରଳା ଦାସ

30. ସଂସ୍କୃତ ମହାଭାରତର କେଉଁ ପର୍ବଟି ସାରଳା ମହାଭାରତରେ ନାହିଁ ?

(A) ମହାପ୍ରସ୍ଥାନିକ ପର୍ବ

(B) ସଭାପର୍ବ

(C) ଭୀଷ୍ମପର୍ବ

(D) ବନପର୍ବ

31. କେଉଁ ଚଉତିଶାରେ ଶିବ ବୁଢ଼ାବର ଭୂମିକାରେ ଅବତୀର୍ଣ୍ଣ ?

(A) ଶିବ ଚଉତିଶା

(B) କଳାକଳେବର ଚଉତିଶା

(C) ବା ଚଉତିଶା

(D) କଳସା ଚଉତିଶା

32. ଓଡ଼ିଶାକୁ ଶ୍ରୀଚୈତନ୍ୟ କେବେ ଆସିଥିଲେ ?

(A) ୧୪୮୬ ଖ୍ରୀ.

(B) ୧୫୧୦ ଖ୍ରୀ.

(C) ୧୫୩୩ ଖ୍ରୀ.

(D) ୧୮୦୩ ଖ୍ରୀ.

33. 'ନୃସିଂହ ପୁରାଣ' କିଏ ଲେଖିଛନ୍ତି ?

(A) ଚଣ୍ଡୀ ଦାସ

(B) ପୀତାମ୍ବର ଦାସ

(C) ବଳରାମ ଦାସ

(D) ଅନନ୍ତ ଦାସ

34. ପଞ୍ଚସଖା ଯୁଗର ବୟୋଜ୍ୟେଷ୍ଠ କବି କିଏ ?

(A) ବଳରାମ ଦାସ

(B) ଜଗନ୍ନାଥ ଦାସ

(C) ଶିଶୁ ଅନନ୍ତ ଦାସ

(D) ଯଶୋବନ୍ତ ଦାସ

35. ଜ୍ଞାନମିଶ୍ରା ଭକ୍ତିକୁ କେଉଁ ଧର୍ମ ଗୁରୁତ୍ୱ ଦେଉଥିଲା ?

(A) ଗୌଡୀୟ ବୈଷ୍ଣବ

(B) ଉତ୍କଳୀୟ ବୈଷ୍ଣବ

(C) ଆଲୱାର ପନ୍ଥୀ

(D) ରାମାନନ୍ଦୀ ବୈଷ୍ଣବ

36. ଜଗନ୍ନାଥ ଦାସଙ୍କୁ କିଏ ଅତବଡ଼ି ଉପାଧୀ ଦେଇ-ଥିଲେ ?

(A) ମତ୍ତ ବଳରାମ

(B) ପ୍ରତାପରୁଦ୍ର ଦେବ

(C) ଶ୍ରୀଧର ସ୍ୱାମୀ

(D) ଶ୍ରୀ ଚୈତନ୍ୟ

37. କେଉଁଟି ଓଡ଼ିଆରେ ପ୍ରଥମ କାଳ୍ପନିକ କାବ୍ୟ ?

(A) କଳ୍ପଲତା

(B) ଶଶୀସେଣା

(C) କାଞ୍ଚନଲତା

(D) ପରିମଳା

38. ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ'ରେ ନାୟକର ପୂର୍ବଜନ୍ମର ନାମ କ'ଣ ?

(A) ଶଶୀଶେଖର

(B) ବିଶ୍ୱଭୂତି

(C) ପୁଷ୍ପକେତୁ

(D) ପ୍ରଭାକର

39. କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଉପରେ କେଉଁ କାବ୍ୟର ପ୍ରଭାବ ପଡ଼ିଛି ?

(A) ବିଦଗ୍ଧ ମାଧବ

(B) ଚୌର ଚିନ୍ତାମଣି

(C) ଗଙ୍ଗବଂଶାନୁଚରିତମ୍

(D) ଜଗନ୍ନାଥ ବଲ୍ଲଭ

40. 'ଶ୍ୟାମ ଅପବାଦ ମତେ ଲାଗିଥାଉ' ପଦାବଳୀର କବି କିଏ ?

(A) ବନମାଳୀ

(B) ଗୋପାଳକୃଷ୍ଣ

(C) ଚକ୍ରପାଣି

(D) ସାରିଆ ଭିଖ

41. ଫୋର୍ଟ ଉଇଲିଅମ୍ କଲେଜ କେବେ ପ୍ରତିଷ୍ଠିତ ହୋଇଥିଲା ?

(A) ଖ୍ରୀ. ୧୮୦୦

(B) ଖ୍ରୀ. ୧୮୦୩

(C) ଖ୍ରୀ. ୧୮୬୬

(D) ଖ୍ରୀ. ୧୮୬୮

42. ଓଡ଼ିଶାର ପ୍ରଥମ ମୁଦ୍ରାଯନ୍ତ୍ରର ନାମ କ'ଣ ?

(A) କଟକ ପ୍ରିଣ୍ଟିଂ ପ୍ରେସ୍

(B) ଅରୁଣୋଦୟ ପ୍ରେସ୍

(C) କଟକ ମିଶନ୍ ପ୍ରେସ୍

(D) ଉତ୍କଳ ପ୍ରିଣ୍ଟିଂ ପ୍ରେସ୍

43. 'ସମ୍ବଲପୁର ହିତୈଷିଣୀ' ପତ୍ରିକା କେଉଁଠୁ ପ୍ରକାଶିତ ହେଉଥିଲା ?

(A) ସମ୍ବଲପୁର

(B) ସୋନପୁର

(C) ବାମଣ୍ଡା

(D) ବଲାଙ୍ଗୀର

44. ରାଧାନାଥଙ୍କ 'ବିବେକୀ' ପ୍ରବନ୍ଧ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ଉତ୍କଳ ମଧୁପ

(B) ଉତ୍କଳ ପୁତ୍ର

(C) ଉତ୍କଳ ପ୍ରଭା

(D) ଉତ୍କଳ ଦର୍ପଣ

45. 'ରେବତୀ' ଗଳ୍ପ କେଉଁ ପତ୍ରିକାରେ ପ୍ରଥମେ ପ୍ରକାଶ ପାଇଥିଲା ?

(A) ସମ୍ବାଦ ବାହିକା

(B) ବୋଧଦାୟିନୀ

(C) ଉତ୍କଳ ସାହିତ୍ୟ

(D) ମୁକୁର

46. 'ବିବାସିନୀ' ଉପନ୍ୟାସର ଲେଖକ କିଏ ?

(A) ରାମଶଙ୍କର ରାୟ

(B) ଫକୀରମୋହନ

(C) ଉମେଶଚନ୍ଦ୍ର ସରକାର

(D) ଗୋପାଳ ବଲ୍ଲଭ ଦାସ

47. ରାଧାନାଥ ଗ୍ରନ୍ଥାବଳୀ ପ୍ରଥମେ କେବେ ପ୍ରକାଶିତ ହୋଇଥିଲା ?

(A) ଖ୍ରୀ. ୧୯୦୦

(B) ଖ୍ରୀ. ୧୯୦୨

(C) ଖ୍ରୀ. ୧୯୦୮

(D) ଖ୍ରୀ. ୧୯୧୪

48. ଗୋପୀନାଥ ବଲ୍ଲଭ ନାଟକର ସ୍ରଷ୍ଟା କିଏ ?

(A) ଖଡ଼ଗା ପ୍ରସାଦ

(B) ରାମଶଙ୍କର ରାୟ

(C) ବୀର ବିକ୍ରମଦେବ

(D) ରଘୁନାଥ ପରିଛା

49. ରାମଶଙ୍କର ରାୟ କେଉଁ ରଙ୍ଗମଞ୍ଚ ସହ ସଂପୃକ୍ତ ଥିଲେ ?

(A) ବିକ୍ରମ ଥିଏଟର

(B) କୋଠପଦା ରଙ୍ଗମଞ୍ଚ

(C) ଓଡ଼ିଶା ଥିଏଟର୍ସ

(D) ପଦ୍ମନାଭ ରଙ୍ଗାଳୟ

50. ଓଡ଼ିଆ ଭାଷାରେ ପ୍ରଥମେ କିଏ 'ଉତ୍କଳ ସାହିତ୍ୟର ଇତିହାସ' ଲେଖିଥିଲେ ?

(A) ମନମୋହନ ଚକ୍ରବର୍ତ୍ତୀ

(B) ଶ୍ୟାମସୁନ୍ଦର ରାଜଗୁରୁ

(C) ତାରିଣୀଚରଣ ରଥ

(D) ବିନାୟକ ମିଶ୍ର

51. ସହସ୍ରଶିରା ରାବଣ କେଉଁ ରାମାୟଣର ଚିରତ୍ର ?

(A) ଆଧାତ୍ମ୍ୟ ରାମାୟଣ

(B) ବିଲଙ୍କା ରାମାୟଣ

(C) ଦାଣ୍ଡୀ ରାମାୟଣ

(D) ବିଚିତ୍ର ରାମାୟଣ

52. ସାରଳା ମହାଭାରତରେ ଉଆଁସିକନ୍ୟା କିଏ ?

(A) କୁନ୍ତୀ

(B) ଗାନ୍ଧାରୀ

(C) ଗଙ୍ଗା

(D) ଦୁଃଶୀଳା

53. ଜଗମୋହନ ରାମାୟଣରେ କିଏ ସୀତା ରୂପରେ ଜନ୍ମଗ୍ରହଣ କରିଥଲେ ?

(A) ବେଦମତୀ

(B) ଭୂମିସୁତା

(C) ଜାନକୀ

(D) ମାୟା

54. ଜଗନ୍ନାଥ ଦାସ କେଉଁ ମଠରେ ସାଧନା କରୁଥିଲେ ?

(A) ବଡ଼ଛତା ମଠ

(B) ଶଙ୍କର ମଠ

(C) ସାତଲହଡ଼ି ମଠ

(D) ରାଘବ ମଠ

55. ଭାଗବତର କେଉଁ ସ୍କନ୍ଧ ପର୍ଯ୍ୟନ୍ତ ଜଗନ୍ନାଥ ଦାସ ଲେଖିଥିଲେ ?

(A) ଦଶମ

(B) ଏକାଦଶ

(C) ଦ୍ୱାଦଶ

(D) ତ୍ରୟୋଦଶ

56. ସାତଖଣ୍ଡିଆ ହରିବଂଶ କିଏ ଲେଖିଥିଲେ ?

(A) ଯଶୋବନ୍ତ ଦାସ

(B) ଅନନ୍ତ ଦାସ

(C) ପୀତାମ୍ବର ଦାସ

(D) ଅଚ୍ୟୁତାନନ୍ଦ ଦାସ

57. 'ଜ୍ଞାନଶୂନ୍ୟ ହୋଇଲାଣି ଭେବଳ ତା ମତି, ଗୁଣ ଲକ୍ଷଣ ବୁଢ଼ାର ନାହିଁ ତହିଁ ଗତି ।' — ଏଠାରେ ବୁଢ଼ାଟି କିଏ ?

(A) ନାରଦ

(B) ରାବଣ

(C) ମହାଦେବ

(D) ଦୁର୍ବାସା

58. 'କେଶବ କୋଇଲି'ରେ ଦୁଃଖ ଗୁହାରୁଥିବା ଜନନୀ କିଏ ?

(A) ଦେବକୀ

(B) ଯଶୋଦା

(C) କୌଶଲ୍ୟା

(D) କୋଇଲି

59. 'ରୁଦ୍ର ସୁଧାନିଧି'ରେ ମୋହିନୀକନ୍ୟାକୁ ଦେଖି କିଏ କାମାସକ୍ତ ହୋଇପଡ଼ିଥିଲା ?

(A) ମୋହନ

(B) ନନ୍ଦୀଶ୍ୱର

(C) ମହିଷାସୁର

(D) ଅଭିନବ ଚଇତନ

60. 'ରହସ୍ୟ ମଞ୍ଜରୀ' କାବ୍ୟରେ କେଉଁଭାବର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି ?

(A) ଗୋପୀଭାବ

(B) ଦାସ୍ୟଭାବ

(C) କୃଷ୍ଣଭାବ

(D) ବ୍ରହ୍ମଭାବ

61. 'ଆର୍ତ୍ତତ୍ରାଣ ଚଉତିଶା'ର କବି କିଏ ?

(A) ଦୀନକୃଷ୍ଣ ଦାସ

(B) ଅଭିମନ୍ୟୁ

(C) ଶିଶୁଶଙ୍କର ଦାସ

(D) ଘନଭଞ୍ଜ

62. 'କ ଅକ୍ଷରେ ହୋଇଛି ନିୟମ । କଥା ନୋହେ ଦିବ୍ୟ ଅଦିବ୍ୟ ସମ ।' — ଏହା କେଉଁ କାବ୍ୟ ସମ୍ପର୍କରେ କୁହାଯାଉଛି ?

(A) କୁଞ୍ଜବିହାର

(B) କଳା କଉତୁକ

(C) କନକଲତା

(D) ରସ କଲ୍ଲୋଳ

63. ନିମ୍ନୋକ୍ତ କେଉଁ କାବ୍ୟ ଉପେନ୍ଦ୍ର ଭଞ୍ଜଙ୍କ ନୁହେଁ ?

(A) ରସଲେଖା

(B) ରସପଞ୍ଚକ

(C) ସୁବର୍ଣ୍ଣରେଖା

(D) ପ୍ରେମ ମଞ୍ଜରୀ

64. କେଉଁ କାବ୍ୟରେ କବି ନିଜ କାବ୍ୟକୁ 'ଗୋନ ନୈଷଧ ପରାୟେ' ବୋଲି କହିଛନ୍ତି ?

(A) ଲାବଣ୍ୟବତୀ

(B) କୋଟୀ ବ୍ରହ୍ମାଣ୍ଡ ସୁନ୍ଦରୀ

(C) ରସିକ ହାରାବଳୀ

(D) ପ୍ରେମ ସୁଧାନିଧି

65. 'ସନ୍ତି ଚିନ୍ତାମଣୌତ୍ରୟଃ' — ଉକ୍ତିଟି କାହାର ?

(A) ଶ୍ୟାମ ସୁନ୍ଦର ରାଜଗୁରୁ

(B) ମୃତ୍ୟୁଞ୍ଜୟ ରଥ

(C) କୁଳମଣି ଦାସ

(D) ଅପର୍ଣ୍ଣା ପଣ୍ଡା

66. କିଏ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଗୁରୁଥିଲେ ?

(A) କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା

(B) କବିସୂର୍ଯ୍ୟ ବଳଦେବ ରଥ

(C) ଦେବଦୁର୍ଲ୍ଲଭ ଦାସ

(D) ଭୂପତି ପଣ୍ଡିତ

67. 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଗୋବର୍ଦ୍ଧନ ମଲ୍ଲର ସ୍ତ୍ରୀ କିଏ ?

(A) ମଦନିକା

(B) ଚମ୍ପକଲତା

(C) ଚନ୍ଦ୍ରାବଳୀ

(D) ବିଶାଖା

68. 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' କେଉଁ ରାଜାଙ୍କ ନାମରେ ଭଣିତା ହୋଇଛି ?

(A) ଆଠଗଡ଼ର ରାଜା

(B) ମହୁରୀର ରାଜା

(C) ପାରିକୁଦର ରାଜା

(D) ଧରାକୋଟର ରାଜା

69. କବିସୂର୍ଯ୍ୟ ଗ୍ରନ୍ଥାବଳୀ ପ୍ରଥମେ କିଏ ସମ୍ପାଦନା କରିଥିଲେ ?

(A) ତାରିଣୀ ଚରଣ ରଥ

(B) ଅପର୍ଣ୍ଣା ପଣ୍ଡା

(C) ଆର୍ତ୍ତତ୍ରାଣ ଶତପଥୀ

(D) କୁଳମଣି ଦାସ

70. କିଶୋରଚନ୍ଦ୍ରାନନ୍ଦ କାବ୍ୟର କେଉଁ ଗୀତରେ ରାଧାକୃଷ୍ଣଙ୍କର ମିଳନ ଘଟିଛି ?

(A) 'ଟ' ଗୀତ

(B) 'ଲ' ଗୀତ

(C) 'ମ' ଗୀତ

(D) 'କ୍ଷ' ଗୀତ

71. 'ଚତୁର ବିନୋଦ'ର ମୂଳ କାହାଣୀର ନାୟିକା କିଏ ?

(A) ଚଞ୍ଚଳାକ୍ଷୀ

(B) ପଦ୍ମାବତୀ

(C) ମାର୍ଜାରମୁଖୀ

(D) ଖଞ୍ଜନୀ

72. 'ଏଡ଼େ ଭାଗ୍ୟ ମୋର ହେବ କି ।
ହେବି ବୃନ୍ଦାବନେଶ୍ୱରୀ ସେବକୀ ।' ଏକଥା କେଉଁ କବି କହିଛନ୍ତି ?

(A) ବନମାଳୀ

(B) ଗୋପାଳକୃଷ୍ଣ

(C) ଭକ୍ତ ଚରଣ ଦାସ

(D) ଚୈତନ୍ୟ ଦାସ

73. ଭୀମଭୋଇଙ୍କ ମୁଖ୍ୟ ସାଧନାପୀଠ କେଉଁଠି ?

(A) ଜୋରନ୍ଦା

(B) ରେଢ଼ାଖୋଲ

(C) ଖଲିଆପାଲି

(D) ଜୁଡ଼ିଖାଲ

74. ଫକୀରମୋହନଙ୍କ କେଉଁ ଉପନ୍ୟାସ ପ୍ରଥମେ 'ଅପୂର୍ବ ମିଳନ' ନାମରେ ପ୍ରକାଶ ପାଇଥିଲା ?

(A) ଛ'ମାଣ ଆଠଗୁଣ୍ଠ

(B) ଲଛମା

(C) ମାମୁଁ

(D) ବିଷମଞ୍ଜୀ

75. କେଉଁଠାରୁ ଫକୀରମୋହନ 'ସରସ୍ୱତୀ' ଉପାଧୀ ପାଇଥିଲେ ?

(A) ମୟୂରଭଞ୍ଜ

(B) ତାଳଚେର

(C) ଢେଙ୍କାନାଳ

(D) ବାମଣ୍ଡା

76. ଓଡ଼ିଆରେ ଲେଖିବାକୁ ରାଧାନାଥଙ୍କୁ କେଉଁ ପଣ୍ଡିତ ପ୍ରେରଣା ଦେଇଥିଲେ ?

(A) ଶିବନାଥ ଶାସ୍ତ୍ରୀ

(B) ବଙ୍କିମଚନ୍ଦ୍ର

(C) କେଶବ ଚନ୍ଦ୍ର ସେନ

(D) ଭୂଦେବ ମୁଖୋପାଧ୍ୟାୟ

77. କେଉଁ କାବ୍ୟ ଉପରେ ଓଭିଡ୍‌ଙ୍କର 'ଆପଲୋ-ଡାଫନୀ' କାହାଣୀର ପ୍ରଭାବ ପଡ଼ିଛି ?

(A) ଚନ୍ଦ୍ରଭାଗା

(B) ନନ୍ଦିକେଶ୍ୱରୀ

(C) କେଦାରଗୌରୀ

(D) ପାର୍ବତୀ

78. 'ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି, ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ ।' — ଏହା କେଉଁ କବିତାର ପଂକ୍ତି ?

(A) ଋଷିପ୍ରାଣେ ଦେବାବତରଣ

(B) ନୀଶୀଥଚିନ୍ତା

(C) ଜୀବନଚିନ୍ତା

(D) ଏ ସୃଷ୍ଟି ଅମୃତମୟ ହେ

79. ସେକ୍ସପିଅରଙ୍କ 'ଟେମ୍ପେଷ୍ଟ' ନାଟକ ଅବଲମ୍ବନରେ ରାମଶଙ୍କରଙ୍କ କେଉଁ ନାଟକ ରଚିତ ?

(A) କଳିକାଳ

(B) ବିଷମୋଦକ

(C) ବନବାଳା

(D) କାଞ୍ଚନମାଳୀ

80. ଗଙ୍ଗାଧରଙ୍କ କେଉଁ କାବ୍ୟରେ 'ଚପଳା' ଚରିତ୍ର ରହିଛି ?

(A) ଇନ୍ଦୁମତୀ

(B) କୀଚକ ବଧ

(C) ତପସ୍ୱିନୀ

(D) ପ୍ରଣୟ ବଲ୍ଲରୀ

81. ବିଶ୍ୱନାଥ କରଙ୍କ ସମ୍ପାଦିତ 'ଉତ୍କଳ ସାହିତ୍ୟ' ପ୍ରଥମେ କେବେ ପ୍ରକାଶ ପାଇଥିଲା ?

(A) ୧୮୯୧ ଖ୍ରୀ.

(B) ୧୮୯୨ ଖ୍ରୀ.

(C) ୧୮୯୭ ଖ୍ରୀ.

(D) ୧୮୯୮ ଖ୍ରୀ.

82. ନନ୍ଦକିଶୋର ବଳଙ୍କର ନିର୍ଝରିଣୀ କେଉଁ ଧରଣର କବିତା ଗ୍ରନ୍ଥ ?

(A) କାବ୍ୟ

(B) ଖଣ୍ଡକାବ୍ୟ

(C) ସମ୍ବୋଧନ କବିତା

(D) ଗୀତିକବିତା

83. 'କବିଙ୍କି ସୁମରି ବିରାଗେ ମୁହଁ ଫେରାଅ ପଛେ' — କୋଣାର୍କେ କାବ୍ୟରେ ଏ ଉକ୍ତିଟି କାହାପ୍ରତି ଉଦ୍ଦିଷ୍ଟ ?

(A) ଉପେନ୍ଦ୍ର ଭଞ୍ଜ

(B) ରାଧାନାଥ ରାୟ

(C) ଗୋପବନ୍ଧୁ ଦାସ

(D) ମଧୁସୂଦନ ଦତ୍ତ

୫୪. 'ଯାହା ଅଙ୍ଗେ ନିଭାଇଛି' — କାହାର ଆତ୍ମଜୀବନୀ ?

(A) କାଳିନ୍ଦୀଚରଣ ପାଣିଗ୍ରାହୀ

(B) କାଳୀଚରଣ ପଟ୍ଟନାୟକ

(C) ଗୋପୀନାଥ ମହାନ୍ତି

(D) ସଚ୍ଚି ରାଉତରାୟ

୫୫. କେଉଁ ନାଟକଟି କାଳୀଚରଣଙ୍କ ନୁହେଁ ?

(A) ରକ୍ତମନ୍ଦାର

(B) ଭରସା

(C) ଚକ୍ରୀ

(D) ଗାର୍ଲସ୍କୁଲ

୫୬. କେଉଁଟି ସଚ୍ଚି ରାଉତରାୟଙ୍କ ପ୍ରଥମ କବିତା ଗ୍ରନ୍ଥ ?

(A) ପଲ୍ଲୀଶ୍ରୀ

(B) ବାଜିରାଉତ

(C) ପାଥେୟ

(D) ଭାନୁମତୀର ଦେଶ

୫୭. 'ବଙ୍କା ଓ ସିଧା' କବିତାଗ୍ରନ୍ଥର କବି କିଏ ?

(A) ଗୋଦାବରୀଶ ମିଶ୍ର

(B) ଗୋଦାବରୀଶ ମହାପାତ୍ର

(C) ମନମୋହନ ମିଶ୍ର

(D) କୃଷ୍ଣଚନ୍ଦ୍ର ତ୍ରିପାଠୀ

୫୮. 'ମାଟିର ଡାକ୍' — କେଉଁ ଧରଣର ଗ୍ରନ୍ଥ ?

(A) କବିତା

(B) ଆତ୍ମଜୀବନୀ

(C) ଉପନ୍ୟାସ

(D) କ୍ଷୁଦ୍ରଗଳ୍ପ

୫୯. 'ଦାନାପାଣି' ଉପନ୍ୟାସର ନାୟକ କିଏ ?

(A) ସରଳୁ ସାଓତା

(B) ଶୁକ୍ଳକାନି

(C) ରବି

(D) ବଳିଦତ୍ତ

୬୦. ସିନ୍ଧୁ ଚୌଧୁରୀ କେଉଁ ଉପନ୍ୟାସର ଚରିତ୍ର ?

(A) ଲୟ ବିଲୟ

(B) ଅନାମ

(C) ବଜ୍ରବାହୁ

(D) ମାଟିମଟାଳ

୬୧. 'ପୋଲୁହକଟା' ଗଳ୍ପର ଗାଳ୍ପିକ କିଏ ?

(A) ଗୋପୀନାଥ ମହାନ୍ତି

(B) କାହ୍ନୁଚରଣ ମହାନ୍ତି

(C) ସୁରେନ୍ଦ୍ର ମହାନ୍ତି

(D) ଗୁରୁପ୍ରସାଦ ମହାନ୍ତି

92. 'ଶରଦେଈ' କେଉଁ ଉପନ୍ୟାସର ବିଶିଷ୍ଟ ନାରୀ ଚରିତ୍ର ?

(A) ବଧୂ ଓ ପ୍ରିୟା

(B) କୃଷ୍ଣାବେଣୀରେ ସନ୍ଧ୍ୟା

(C) ନୀଳଶୈଳ

(D) ଅଚଳାୟତନ

93. କେଉଁ ଗଳ୍ପ ସଂକଳନ ପାଇଁ ସୁରେନ୍ଦ୍ର ମହାନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ?

(A) ସବୁଜପତ୍ର ଓ ଧୂସର ଗୋଲାପ

(B) କୃଷ୍ଣଚୂଡ଼ା

(C) ମରାଳର ମୃତ୍ୟୁ

(D) ମହାନଗରୀର ରାତ୍ରି

94. କେଉଁ ଉପନ୍ୟାସଟି ଆତ୍ମଜୈବନିକ ପଦ୍ଧତିର ରଚନା ?

(A) ହଂସଗୀତି

(B) ନେତି ନେତି

(C) ଆଜୀବକର ଅଟ୍ଟହାସ

(D) ପ୍ରଜାପତି

95. କବି ବିନୋଦଚନ୍ଦ୍ର ନାୟକ କେଉଁ କବିତା ଗ୍ରନ୍ଥପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ?

(A) ନୀଳଚନ୍ଦ୍ରର ଉପତ୍ୟକା

(B) ଚନ୍ଦ୍ର ଓ ତାରା

(C) ଇଳାବୃତ୍ତ

(D) ସରୀସୃପ

96. 'ସାତ ତାରାର ଦୀପ'ର ମୁଖ୍ୟ ଚେତନା କ'ଣ ?

(A) ପ୍ରତୀକବାଦୀ ଚେତନା

(B) ପ୍ରକୃତିବାଦୀ ଚେତନା

(C) ବାସ୍ତବବାଦୀ ଚେତନା

(D) ରୋମାଣ୍ଟିକ୍ ଚେତନା

97. 'କାଳପୁରୁଷ' କବିତାରେ କେଉଁ ଇଂରାଜୀ କବିଙ୍କ ପ୍ରଭାବ ରହିଛି ?

(A) ମିଲଟନ

(B) ଏଜରା ପାଉଣ୍ଡ

(C) ୟେଟ୍‌ସ

(D) ଟି.ଏସ୍. ଇଲିଏଟ୍

98. କେଉଁ କବିତାପୁସ୍ତକ ଦୁଇଜଣ କବିଙ୍କଦ୍ୱାରା ଲିଖିତ ?

(A) ସମୁଦ୍ର ସ୍ନାନ

(B) ନୂତନ କବିତା

(C) ନଈ ଆରପାରି

(D) ନଈ ପହଁରା

99. 'ପଥ ଓ ପୃଥିବୀ' କି ଧରଣର ଗ୍ରନ୍ଥ ?

(A) ଗଳ୍ପ

(B) ଉପନ୍ୟାସ

(C) ଆତ୍ମଜୀବନୀ

(D) ଜୀବନୀ

100. ଗୁରୁପ୍ରସାଦ ମହାନ୍ତିଙ୍କ 'ଚମ୍ପାଫୁଲ' କି ଧରଣର କବିତା ?

(A) ଶୋକ କବିତା

(B) ଗାଥା କବିତା

(C) ସମ୍ବୋଧନ କବିତା

(D) ସନେଟ୍

## SPACE FOR ROUGH WORK

SEAL